# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 April – 2024**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପ୍ରଦାନ କରିବେ ପଦ୍ମ ପୁରସ୍କାର
- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମତଦାନକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଭାରତର ନିର୍ବାଚନ କମିଶନ ବିଭିନ୍ନ ପକ୍ଷଙ୍କ ସହ କଲେ ଆଲୋଚନା
- ବିଧାନସଭା ନିର୍ବାଚନ ପାଇଁ ବିଜେଡି ଘୋଷଣା କଲା  ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
- ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ୨୮ଟି କଲେଜର ପରୀକ୍ଷା ବାତିଲ

ଏବଂ

- 'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍' ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ପୃଥିବୀ ଦିବସ

# ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ପ୍ରଦାନ କରିବେ । ରାଷ୍ଟ୍ରପତି ଭବନରୁ ମିଳିଥିବା ସୂଚନା ଅନୁସାରେ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ ଏବଂ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଡକ୍ଟର ପଦ୍ମା ସୁବ୍ରମଣ୍ୟମ୍‌ଙ୍କୁ ପଦ୍ମ ବିଭୂଷଣ, ଅନ୍ୟ ମନୋନୀତ ବ୍ୟକ୍ତିବିଶେଷଙ୍କୁ ପଦ୍ମଭୂଷଣ ଏବଂ ପଦ୍ମଶ୍ରୀ ସମ୍ମାନରେ ଶ୍ରୀମତୀ ମୁର୍ମୁ ସମ୍ମାନିତ କରିବେ ।

# ଇସିଆଇ-ହିଟ୍‌ୱେଭ୍

ଦେଶର କିଛି ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଓ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବା ବିଷୟରେ ଅନୁମାନ କରାଯାଇଥିବାରୁ ନିର୍ବାଚନ କମିଶନ ବିଭିନ୍ନ ପକ୍ଷ ସହ ଏକ ବୈଠକ କରିଛନ୍ତି।  ମତଦାନ ସମୟରେ ଗ୍ରୀଷ୍ମ ପ୍ରବାହରୁ ଭୋଟରଙ୍କୁ ସୁରକ୍ଷା ଦେବା ପାଇଁ ବୈଠକରେ ଆଲୋଚନା ହୋଇଛି। ଭାରତୀୟ ପାଣିପାଗ ବିଭାଗ, ଜାତୀୟ ଦୁର୍ବିପାକ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ। ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଦେଶର ପୂର୍ବ ଭାଗରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରାଯାଇଛି। ଗ୍ରୀଷ୍ମ ପ୍ରବାହ ପୂର୍ବ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଦେଶର ଅନ୍ୟ କିଛି ଭାଗରେ ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଅନୁଭୂତ ହେବ ।

## ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ

ବିଜୁ ଜନତା ଦଳ ପକ୍ଷରୁ ଆଜି ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ଆଉ ୬ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ହିନ୍ଦୋଳରୁ ମହେଶ ସାହୁଙ୍କ ଦଳ ପ୍ରାର୍ଥୀ କରିଥିବା ବେଳେ କାକଟପୁରରୁ ତୁଷାରକାନ୍ତି ବେହେରା ପ୍ରାର୍ଥୀ ହୋଇଛନ୍ତି । ବରୀରୁ ବିଶ୍ୱରଂଜନ ମଲ୍ଲିକ, ରଘୁନାଥପାଲିରୁ ଅର୍ଚ୍ଚନା ରେଖା ବେହେରା, ବାଲିକୁଦା ଏରସମାରୁ ସାରଦା ପ୍ରସାଦ ଜେନା ଏବଂ ବାଙ୍ଗିରିପୋଷିରୁ ରଞ୍ଜିତା ମାରାଣ୍ଡିଙ୍କୁ ଦଳ ପ୍ରାର୍ଥୀ କରିଛି। ଏ ପର୍ଯ୍ୟନ୍ତ ଦଳ ପକ୍ଷରୁ ମୋଟ ୧୪୧ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି ।

ଜୟପୁର ବିଧାନସଭା ଆସନ ପାଇଁ ବିଜେପି ଗତକାଲି ପ୍ରାର୍ଥୀ ଘୋଷଣା କରିଛି। ଗୌତମ ସାମନ୍ତରାୟଙ୍କୁ ଦଳ ଏଠାରୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛି । ଗୌତମଙ୍କୁ ମିଶାଇ ଦଳ ପକ୍ଷରୁ ଏଯାବତ୍ ୧୩୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି ।

## ନିର୍ବାଚନ ସ୍ଥିତି– ନୂଆପଡ଼ା

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାରେ ଲୋକସଭା ଏବଂ ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ତିନୋଟି ପ୍ରମୁଖ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ପକ୍ଷରୁ ଜୋରଦାର୍ ରାଜନୈତିକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ ସହ ରୋଡ୍ ସୋ' ମାଧମରେ

ଦଳର ଜନକଲ୍ୟାଣକାରୀ ଯୋଜନାକୁ ଦଳୀୟ ପ୍ରାର୍ଥୀମାନେ ଭୋଟରଙ୍କ ନିକଟରେ ତାଙ୍କ ଦଳକୁ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ରାଜନୈତିକ ଉଷ୍ମତା ମଧ୍ୟ ବୃଦ୍ଧି ପାଉଛି। ନୂଆପଡ଼ା ଜିଲ୍ଲାରେ ନିର୍ବାଚନ ସମ୍ପର୍କିତ ତଥ୍ୟକୁ ନେଇ ଆମ ସମ୍ବାଦଦାତା ତପନ ରଞ୍ଜନ ଦାସଙ୍କ ରିପୋର୍ଟ...

**- V/O –**

## ମତଦାନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାରେ ଆସନ୍ତା ଜୁନ୍ ୧ ତାରିଖରେ ସାଧାରଣ ନିର୍ବାଚନ ହେବ। ଭୋଟରମାନେ କିଭଳି ଅଧିକ ସଂଖ୍ୟାରେ ମତଦାନ କରିବେ ସେ ନେଇ ଜିଲ୍ଲା ଯୋଜନା ଓ ପରିଚାଳନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ ଏକ ମତଦାନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଭୋଟରମାନଙ୍କୁ ଗୁରୁତ୍ୱ ଦେବା ସହ ବିଶେଷଭାବେ କ୍ରୀଡ଼ାବିତ୍‌ମାନେ ଏଭଳି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ମତଦାନ ସମ୍ପର୍କରେ ଅବଗତ କରିବାକୁ ପରାମର୍ଶ ଦେଇଥିଲେ।

## ପରୀକ୍ଷା ବାତିଲ

ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ୨୮ କଲେଜର ପରୀକ୍ଷା ଆଜି ବାତିଲ ହୋଇଛି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟର ପରୀକ୍ଷା ଥିଲା। ଚଳିତ ବର୍ଷ ପରୀକ୍ଷାରେ ପ୍ରଶ୍ନପତ୍ର ଗୁଡିକ ସିଲାବସ୍ ବାହାରୁ ଆସିଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି।

ଏହାକୁ ଗୁରୁତର ସହ ବିଚାର କରି ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଜିର ପରୀକ୍ଷାକୁ ବାତିଲ କରିଛନ୍ତି। ତେବେ ଆଗାମୀ ଦିନରେ ପରୀକ୍ଷା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାଇ ଦିଆଯିବ ବୋଲି କହିଛନ୍ତି।

## ଆଧାର ଅପଡେଟ୍ ବୃଦ୍ଧି

ଜନସାଧାରଣଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଚୟପତ୍ର  ଆଧାରର ଅପଡେଟ୍ ପାଇଁ ସମୟସୀମା ବୃଦ୍ଧି କରାଯାଇଛି। ଏ ନେଇ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ ପକ୍ଷରୁ ବିଜ୍ଞପ୍ତି ବାହାରିଛି। ଯେଉଁ ମାନଙ୍କର ଆଧାରକୁ ୧୦ ବର୍ଷ କିମ୍ୱା ଏହାଠାରୁ ଅଧିକ ସମୟ ହୋଇଯାଇଛି ସେମାନଙ୍କ ନିଃଶୁଳ୍କ ଆଧାର ଅପଡେଟ୍ ପାଇଁ ପ୍ରାଧିକରଣ ସୁବିଧା ପ୍ରଦାନ କରୁଛି।

ପୂର୍ବରୁ ଏହି ସମୟସୀମା ମାର୍ଚ୍ଚ ମାସ ୧୪ ତାରିଖରେ ଶେଷ ହୋଇଥିବାବେଳେ ବର୍ତ୍ତମାନ ଏହାର ସମୟସୀମାକୁ ଆସନ୍ତା ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆସନ୍ତା ଜୁନ୍ ୧୪ ସୁଦ୍ଧା ଅନଲାଇନ୍‌ରେ ଅପଡେଟ୍ କଲେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ମାତ୍ର ଆଧାରକେନ୍ଦ୍ର ଯାଇ ସୂଚନା ଅପଡେଟ୍ କଲେ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିବ। ଆଧାର ଅପଡେଟ୍ କରିବାକୁ ପ୍ରଥମେ ୟୁ.ଆଇ.ଡି.ଏ.ଆଇ.ର ଅଫିସିସିଆଲ ୱେବସାଇଟ୍ **uidai.gov.in** ଲଗଇନ୍ କରିବାକୁ ପଡ଼ିବ।

# ନବରଙ୍ଗୀ ଚଢ଼େଇଙ୍କ ଗଣନା ଶେଷ

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ନବରଙ୍ଗୀ ଚଢ଼େଇଙ୍କ ଗଣନା ଶେଷ ହୋଇଛି । ଗୋଟିଏ ଦିନରେ ୩୬ଟି ଦଳ ସହିତ ୭୨ ଜଣ ବନ କର୍ମଚାରୀ ୫ଟି ରେଞ୍ଜରେ ଏହି ବିରଳ ପକ୍ଷୀଙ୍କ ଗଣନା କରିଥିଲେ । ଗଣନାରେ ଭିତରକନିକା ଜାତୀୟ ଉଦ୍ୟାନର ୫ଟି ରେଞ୍ଜ ମଧ୍ୟରୁ ତିନୋଟିରେ ୨୧୮ଟି ନବରଙ୍ଗୀ ଚଢ଼େଇ ଥିବା ଗଣନା କରି ଚିହ୍ନଟ କରାଯାଇଛି । କନିକା ରେଞ୍ଜର ଭିତରକନିକା ଫରେଷ୍ଟ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୨ଟି ଏହି ପ୍ରଜାତିର ଚଢ଼େଇଙ୍କୁ ଚିହ୍ନଟ କରାଯାଇଥିଲା । ଗତ ବର୍ଷଠାରୁ ଭିତରକନିକା ଜାତୀୟ ଉଦ୍ୟାନରେ ଏହି ପକ୍ଷୀଙ୍କର ଗଣନା କରାଯାଉଛି । ଗତ ବର୍ଷ ୧୭୯ଟି ପକ୍ଷୀ ଚିହ୍ନଟ ହୋଇଥିବାବେଳେ ଚଳିତ ବର୍ଷ ଏହାର ସଂଖ୍ୟା ୨୧୮କୁ ବୃଦ୍ଧି ପାଇଛି ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି ।

# ଧରିତ୍ରୀ ଦିବସ

ଆଜି ସମଗ୍ର ଦେଶରେ ବିଶ୍ୱ ପୃଥିବୀ ଦିବସ ପାଳିତ ହେଉଛି । ପରିବେଶର ସୁରକ୍ଷା ପାଇଁ ଏହି ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି **'ପ୍ଲାନେଟ୍ ବନାମ ପ୍ଲାଷ୍ଟିକ୍'** । ପ୍ଲାଷ୍ଟିକ୍ ଜନିତ ପ୍ରଦୂଷଣ ଓ ପ୍ରକୃତି ଉପରେ ଏହାର କୁପ୍ରଭାବ ସଂକ୍ରାନ୍ତରେ ଏହି ଦିବସରେ ଆଲୋକପାତ କରାଯାକଉଛି । ୧୯୭୦ ମସିହା ଏପ୍ରିଲ ୨୨ ତାରିଖରେ ଆମେରିକା ପ୍ରଥମଥର ପାଇଁ ପୃଥିବୀ ଦିବସ ପାଳନ କରାଯାଇଥିଲା । ପୃଥିବୀର ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏହି ଦିବସ ପାଳନ

କରାଯାଉଛି । ଏକ ଉତ୍ତମ ଭବିଷ୍ୟତ ଓ ସୁସ୍ଥ ପୃଥିବୀର ଗଠନ ଲାଗି ବିଶ୍ୱର ଜନସାଧାରଣଙ୍କୁ ଏଥିରେ ନିବେଦନ କରାଯାଉଛି ।

ରାଜ୍ୟପାଳ ରଘୁବର ଦାସ ବିଶ୍ୱ ପୃଥିବୀ ଦିବସ ଅବସରରେ ଅଭିନନ୍ଦନ ଜଣାଇବା ସହ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଆମକୁ ଧରିତ୍ରୀ ମା'କୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ସଂକଳ୍ପ ନେବାକୁ ପଡ଼ିବ।

ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଜାତୀୟ ସବୁଜ ବାହିନୀ ପକ୍ଷରୁ ପୃଥିବୀ ଧରିତ୍ରୀ ଦିବସ, ଇକୋ କ୍ଲବର ଅଧିକାରୀ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇ ୧୯୭୦ ମସିହା ଠାରୁ ପରିବେଶ ଆନ୍ଦୋଳନ ଏବଂ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

## ପାଣିପାଗ

ରାଜ୍ୟର ବିଭିନ୍ନ ଜିଲ୍ଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇଛି । ଆଜି ଏହାର ପ୍ରଭାବ ଅଧିକ ଥିବା ଯୋଗୁଁ ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି । ଆଜି ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଆଦି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ଆଶଙ୍କା ରହିଛି ।